Institute for Social Development

# ମାଧମ

## ମହିଳା ସହଯୋଗ କେନ୍ଦ୍ର - ଅପ୍‌ଡେଟ୍

9th Year | Vol. IX | September 2014 - August 2023



**Sri Saumyendra Ku. Priyadarsi, IPS**
Commissioner of Police
Bhubaneswar-Cuttack

ଫୋନ : ୦୬୭୪-୨୫୩୦୦୩୫
ଫାକ୍ସ : ୦୬୭୪-୨୫୩୦୦୦୧
ମୋବାଇଲ : ୮୨୮୦୩୩୮୩୦୦
ଇ-ମେଲ : commissioneratepolice@nic.in

## ବାର୍ତ୍ତା

ଭିନ୍ନ ଏକ ପରିକଳ୍ପନାକୁ ନେଇ 'ମାଧମ' ର ସୃଷ୍ଟି । ବିଭିନ୍ନ ପ୍ରକାରର ଘରୋଇ ହିଂସା ଓ ଦାମ୍ପତ୍ୟ କଳହକୁ ସମାଧାନ କରି ପାରିବାରିକ ଓ ଦାମ୍ପତ୍ୟ ସଂପର୍କକୁ ଯୋଡ଼ି ରଖିବାରେ 'ମାଧମ' ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସିଅଛି । ଏହି ପରିକଳ୍ପନାକୁ ଆଖି ଆଗରେ ରଖି ୨୦୧୪ ମସିହା ସେପ୍ଟେମ୍ବର ମାସ ୩ ତାରିଖରୁ କମିଶନରେଟ୍ ପୋଲିସ ଭୁବନେଶ୍ୱର-କଟକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଇନ୍‌ଷ୍ଟିଚ୍ୟୁଟ୍ ଫର ସୋସିଆଲ ଡେଭଲପ୍‌ମେଣ୍ଟ' (ଆଇ.ଏସ୍.ଡି.)ର ମିଳିତ ପ୍ରଚେଷ୍ଟାରେ ଏହି ମହିଳା ସହଯୋଗ କେନ୍ଦ୍ର 'ମାଧମ' କାର୍ଯ୍ୟ କରୁଅଛି । ବିଭିନ୍ନ ସମସ୍ୟା ସତ୍ତ୍ୱେ କମିଶନରେଟ୍ ପୋଲିସରେ 'ମାଧମ' ତା'ର ଉପସ୍ଥିତି ଓ ନିରନ୍ତର ସେବା ବଜାୟ ରଖି ଆଜି ନଅ ବର୍ଷ ପୂରଣ କରିଛି । ସମୟକ୍ରମେ ଏହା ଜନସାଧାରଣଙ୍କର ଅତ୍ୟନ୍ତ ବିଶ୍ୱାସଭାଜନ ହୋଇପାରିଛି । ଏହା ଆମ ପାଇଁ ଆନନ୍ଦ ଏବଂ ଗର୍ବର ବିଷୟ ।

ଏହି ଅବସରରେ ମୁଁ ମାଧମରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କର ସେବା, କାର୍ଯ୍ୟ ଓ ଭୂମିକାକୁ ପ୍ରଶଂସା କରୁଅଛି । ହିଂସାପୀଡ଼ିତା ମହିଳାଙ୍କୁ ସହାୟତା ପ୍ରଦାନ କରିବାରେ 'ମାଧମ' ର ଭୂମିକା ନିରନ୍ତର ଅକ୍ଷୁର୍ଣ୍ଣ ରହିଥାଉ, ଏହା ଆଶା କରିବା ସଙ୍ଗେ ସଙ୍ଗେ 'ମାଧମ'ର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଅଛି ।

ପୋଲିସ ଆୟୁକ୍ତ
ଭୁବନେଶ୍ୱର-କଟକ

## ସମ୍ପାଦକୀୟ.......



**ଶୁଭଶ୍ରୀ ଦାସ**, ନିର୍ଦ୍ଦେଶିକା
ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ (ଆଇ.ଏସ୍.ଡି)

# ୧୦ବର୍ଷରେ ପଦାର୍ପଣ କଲା 'ମାଧମ' - ମହିଳା ସହଯୋଗ କେନ୍ଦ୍ର

ମହିଳାମାନଙ୍କ ପ୍ରତି ନିର୍ଯ୍ୟାତନା ଓ ତଦ୍ୱାରା ଭାଙ୍ଗିଯାଉଥିବା ପରିବାରକୁ ପରାମର୍ଶ ମାଧ୍ୟମରେ ଯୋଡ଼ି ରଖିବାର ପ୍ରୟାସ ଯୋଗୁଁ 'ମାଧମ' ଏକ ଉଦାହରଣ ସୃଷ୍ଟି କରିପାରିଛି । ୨୦୧୪ ମସିହାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇ.ଏସ୍.ଡି. ଓ କମିଶନ୍‌ରେଟ୍ ପୋଲିସ ଭୁବନେଶ୍ୱର-କଟକର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ପରାମର୍ଶ କେନ୍ଦ୍ର ଏବେ ୧୦ବର୍ଷରେ ପଦାର୍ପଣ କରିଛି । ସରକାରୀ ଓ ବେସରକାରୀ ଅନୁଷ୍ଠାନର ଏହି ପ୍ରୟାସ ଏବେ ସମସ୍ତ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟତମ ଭୁଲ୍‌ବୁଝାମଣା, ପରସ୍ପରକୁ ସନ୍ଦେହ କରିବା, ଜଣେ ଜଣକୁ ସମ୍ମାନ ନଦେବା ଆଦି ଛୋଟ ଛୋଟ ଘଟଣା ଘରଟିଏ ବା ପରିବାରଟିଏ ଭାଙ୍ଗି ଯାଉଥିବାର ନଜରକୁ ଆସୁଛି । ଭାଙ୍ଗି ଯାଉଥିବା ପରିବାରକୁ ପୁଣିଥରେ ଯୋଡ଼ିବା ଏକ କଷ୍ଟକର ବ୍ୟାପାର ହୋଇଥିଲେ ବି ଆମର ଚେଷ୍ଟା କେବଳ ଦୁଇପରିବାରକୁ ଏକାଠି ଯୋଡ଼ିବାରେ ହିଁ ବିଶ୍ୱାସ କରେ । ବିଗତ ୯ ବର୍ଷ ମଧ୍ୟରେ ସର୍ବମୋଟ ୫୧୩୬ ଜଣ ମହିଳା ଏହି କେନ୍ଦ୍ର ପରିଦର୍ଶନ କରି ନିଜ ନିଜ ସମସ୍ୟା ଓ ଏହା କିଭଳି ସମାଧାନ ହୋଇପାରିବ ସେ ସମ୍ବନ୍ଧରେ ଆମ ପରାମର୍ଶଦାତ୍ରୀମାନଙ୍କର ସହଯୋଗ ନେଇଛନ୍ତି । ସେହିମାନଙ୍କ ମଧ୍ୟରୁ ୩୯୭୪ ଜଣ ମହିଳା ନିଜନିଜର ଅଭିଯୋଗକୁ ପଞ୍ଜିକୃତ କରି ପରାମର୍ଶ ମାଧ୍ୟମରେ ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ । 'ମାଧମ'ରେ ମୋଟ ୩୯୭୪ଟି ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୨୪୯୪ଟି ଅଭିଯୋଗ ପରାମର୍ଶ ମାଧ୍ୟମରେ ସମାଧାନ ହୋଇପାରିଛି ଓ ଆମ ଗୃହପରିଦର୍ଶନ (Home Visit) ତଥ୍ୟ କହୁଛି ସମସ୍ତେ ପ୍ରାୟ ଭଲରେ ଅଛନ୍ତି ।

'ମାଧମ' ତରଫରୁ ପ୍ରକାଶିତ ଏହି ରିପୋର୍ଟରେ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି । ଏହି ତଥ୍ୟ ପ୍ରତିମାସରେ ମଧ୍ୟ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଥାଏ । ସମ୍ବାଦପତ୍ରରେ ତଥ୍ୟ ପ୍ରକାଶ ହେବାଦ୍ୱାରା କେବଳ ଭୁବନେଶ୍ୱର-କଟକ ନୁହେଁ ବରଂ ଅନ୍ୟଜିଲ୍ଲାରୁ ଅନେକ ନିର୍ଯ୍ୟାତିତା ମହିଳା ଆସି ଏଠାରେ ସେମାନଙ୍କ ଅଭିଯୋଗକୁ ପଞ୍ଜିକୃତ କରାଉଛନ୍ତି । ତେଣୁ ଅଭିଯୋଗ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ମୁଁ ଏତିକି କହିବାକୁ ଚାହୁଁଛି ମହିଳାମାନେ ଯେଉଁମାନେ ନିଜ ପରିବାର ବା ପରିବାର ବାହାରେ ନିର୍ଯ୍ୟାତନାର ଶିକାର ହେଉଛନ୍ତି ସେମାନେ ଏହି କେନ୍ଦ୍ର ପରିଦର୍ଶନ କରନ୍ତୁ ଓ ଆମର ପରାମର୍ଶଦାତ୍ରୀ ମାନଙ୍କର ସହଯୋଗ ନିଅନ୍ତୁ । 'ମାଧମ' ସବୁବେଳେ ଆପଣମାନଙ୍କ ସାଥୀରେ ଅଛି ।

ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମୁଁ କମିଶନ୍‌ରେଟ୍ ପୋଲିସର ସମସ୍ତ ଅଧିକାରୀମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଜଣାଉଛି । ବିଶେଷକରି ପୋଲିସ କମିଶନର ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡି.ସି.ପି. ଶ୍ରୀଯୁକ୍ତ ପ୍ରତୀକ ସିଂ, କଟକ ଡି.ସି.ପି. ଶ୍ରୀଯୁକ୍ତ ପୀନାକ ମିଶ୍ର ଯାହାଙ୍କର ସହଯୋଗ ଫଳରେ 'ମାଧମ' ଆଜି ତା'ର ନିଜର ପରିଚୟ ସୃଷ୍ଟି କରିପାରିଛି । ସମସ୍ତଙ୍କୁ ମୁଁ ଅନ୍ତରର ସହ ଧନ୍ୟବାଦ ଜଣାଇ ଆଗାମୀ ବର୍ଷମାନଙ୍କରେ ଏହିଭଳି ସହଯୋଗ ଆଶା କରୁଛି ।

**ଶୁଭଶ୍ରୀ ଦାସ**
ନିର୍ଦ୍ଦେଶିକା, ଆଇ.ଏସ୍.ଡି



**Prateek Singh**
Dy. Commissioner of Police
Bhubaneswar

Dy. Commissioner of Police
Vani Vihar Square
Bhubaneswar- 751022
Ph. : 0674-2540555, Fax : 0674-2540444

# MESSAGE

I am glad to know that Institute for Social Development (ISD), Bhubaneswar is bringing out a 9 years journey update containing valuable information and views about the Maadhyam Women Support Centre. Maadhyam is providing commendable service to the distressed women and families. Police is also providing better service to aggrieved women in association with Maadhyam.

I wish the organization greater success and a brighter future.

**Prateek Singh**
Dy. Commissioner of Police
Bhubaneswar



**Pinak Mishra**
Dy. Commissioner of Police
Cuttack

Dy. Commissioner of Police , Cuttack
+91-671-23000570 (O), +91-671-2304294 (F)
e-mail: dcpcuttack@nic.in

# MESSAGE

I am glad to know that "Maadhyam Women Support Centre", a joint venture of Police Commissionerate, Bhubaneswar-Cuttack is going to complete 09 years of service successfully. The Institution is functioning at Mahila Police Station, Cuttack has been providing noble service in the field of women empowerment by addressing the issues of women in distress properly. I congratulate the expert counselors of the institution for their significant contribution as a part of our team member in resolving many domestic issues as a result of which a lot of families has benefitted and maintained their peaceful familiar life.

I wish the organization greater success and a brighter future ahead.

**Pinak Mishra**
Dy. Commissioner of Police
Cuttack

# MESSAGES



**ଶ୍ରୀମତୀ ନିବେଦିତା ପଟ୍ଟନାୟକ**
ଅଧ୍ୟକ୍ଷା, ଆଇ.ଏସ୍.ଡି.

'ମାଧ୍ୟମ' ମହିଳା ସହଯୋଗ କେନ୍ଦ୍ରର ୧୦ବର୍ଷ ପଦାର୍ପଣ ପୂର୍ତ୍ତି ଉପଲକ୍ଷେ ମୁଁ ଆଇ.ଏସ୍.ଡି. ଓ 'ମାଧ୍ୟମ'ରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । 'ମାଧ୍ୟମ'ର ଏହି ୯ବର୍ଷ କାର୍ଯ୍ୟକ୍ରମ ମଧ୍ୟରେ ଆମେ ପୁଲିସ୍ ପ୍ରଶାସନର ସହଯୋଗ ବେଶ୍ ଦେଖିପାରୁଛୁ । ବିନା ଆର୍ଥିକ ଅନୁଦାନରେ ଏକ ପ୍ରୋଜେକ୍ଟକୁ ୧୦ବର୍ଷ କାର୍ଯ୍ୟକ୍ଷମ ରହିବା ଆଇ.ଏସ୍.ଡି. ପାଇଁ ଏକ ବଡ଼ ସଫଳତା । ବିଶେଷକରି ଆଇ.ଏସ୍.ଡି. ର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ଓ କାର୍ଯ୍ୟରତ ପରାମର୍ଶଦାତ୍ରୀ ରୋଜାଲିନ୍ ସାହୁ ଓ ଅନୀମା ମିଶ୍ରଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସହଯୋଗ ଯୋଗୁଁ ଏହା ସମ୍ଭବପର ହୋଇପାରିଛି । ଆଶା କରୁଛି ଆଇ.ଏସ୍.ଡି. ର ଏହି କାର୍ଯ୍ୟକ୍ରମ ଆହୁରି ଆଗକୁ ବଢ଼ିବ ଓ ନିର୍ଯାତିତା ମହିଳାମାନେ ଏଠାକୁ ଆସି ଉପକୃତ ହୋଇପାରିବେ । ଶେଷରେ 'ମାଧ୍ୟମ'ର ସମସ୍ତ କର୍ମକର୍ତ୍ତାମାନଙ୍କୁ ମୋର ଶୁଭକାମନା ଜଣାଉଛି ।

**- ନିବେଦିତା ପଟ୍ଟନାୟକ**



**Prakash Chandra Pal**
Addl DCP
Bhubaneswar UPD

A harmonious way for leading happiness and to maintain nuptial relationship in between husband and wife . It is evolved due to only for "Maadhaym". An outstanding effort by this consortium from last 9 years and to be continued for years. I congratulate Maadhyam Womens' Support Center for their sincere and dedicated service is quite a praiseworthy. Again I congratulate all the staffs of Maadhyam who are working to make their assignment successfully.

**Prakash Chandra Pal**



**Tarun Kumar Das**
Addl.DCP
Bhubaneswar UPD

Maadhyam, the Women Support Centre has been working since September 3, 2014. Since inception, it has been working to provide service to the women in distress. The competent members are relentlessly striving to reach to the need of distressed women victims of violence and make their lives better. Their efforts are widely admired by society at large. I appreciate the efforts of the organisation in reuniting many families through successful counselling.

On completion of 9 years, I warmly congratulate the team members of Maadhyam for their noble work and making the society a better place to live.

**Tarun Kumar Das**



**R.K. Senpati, OPS-I**
Addl. DCP,
Bhubaneswar UPD.

I am extremely delighted to convey my pleasure that Maadhyam Women Support Centre is a joint venture of Police Commissionerate, BBSR-Cuttack and Institute for Social Development (ISD) to act as a Counselling Centre of different disputed conjugal life, arising in between husband and wife. In fact it is a very difficult task to keep patient for hearing the problems of conjugal dispute and in solving after due counselling. Apart from this, Maadhyam is also being utilised in all women and minor child related cases where counselling is required. It is successfully going to complete nine years of service. On this occasion I convey my gratitude and well wishes to this organisation and the members of Maadhyam for their sincere hard working and minimising the load of police. I hope Maadhyam will continue the same spirit to act as a social bridge to connect the disputed couples.

**R.K. Senpati**

# MESSAGES



**Rabindranath Meher**
IIC, Jagatpur P.S.
Cuttack UPD

I am glad to know that "Maadhyam" has completed 9 years, 9 years is really longtime but will spend many years working hard to care and help others for a better future. Maadhyam brings light to a family which is having a hard time or facing trouble. Maadhyam repairs the problems in the conjugal life of couples. The effort and dedication of all the staffs and counselors of Maadhyam is irreplaceable.

I want to give my appreciation to Maadhyam for it's outstanding service given to the society. Again, I congratulate Maadhyam for the efforts made many marital life.

**Rabindranath Meher**



**Sudhansu Bhusan Jena**
IIC, Mangalabag P.S.
Cuttack UPD

I am delighted to express my happiness and satisfaction and comprehend my obligation that 'Maadhyam Women Support Centre' functioning at Cuttack is going to complete its 09 years of service in right way.

I really appreciate all the helps you have all the helps you have given over the years, especially for rehabilitation and reunion of neglected and distressed women in society. Your restless efforts heal up a major wound as well as abridged the plight of weaker section of society. Congratulations on your admirable success due to your hard work and perseverance and wishing ever more success in the future.

**Sudhansu Bhusan Jena**



**Anusuya Nayak**
IIC, Mahila PS, Cuttack UPD

I am to glad know that 'Maadhyam' successfully completed 9 years. Maadhyam is restlessly working to provide counseling to distress women's not only it gives counseling support but also gives legal medical support. It helps in resolving Domestic issues. They have been significant part of our team. Again many many wishes for more great year ahead.

**Anusuya Nayak**



**Suchitra Parida**
IIC, Pahala PS, BBSR UPD

I am glad to know that Maadhyam Women Support Centre a joint venture of Commissionerate of Police and Social Organisation Institute for Social Development has successfully completed 9 years. It is needless to say that the result of this joint venture the survivors of women are getting a new lease of life. I am privileged to know that the ISD is bringing out a update to reach out to wider people with success stories and its good practices.

I convey my sincere greetings to Maadhyam Women Support Centre and ISD on this occasion.

**Suchitra Parida**

## MESSAGES



**Ashok Kumar Nayak**
IIC Airfield PS
Bhubaneswar UPD

It gives me immense pleasure to express my heartfelt gratitude to “The Maadhyam”, a ray of hope for the suffering women on the occasion of its 10th anniversary. These women support center has been functioning in close collaboration with Commissionerate Police, Bhubaneswar-Cuttack, since 03.09.2014. The high skilled members of 'Maadhyam' are working relentlessly to resolve the conjugal disputes and render appropriate support to women victims in need without any fear and favour. Words are less to praise such a noble organization working towards a flourishing society by rendering selfless help for the victims of dowry torture, extramarital affairs, minor kidnap etc. Last but not the least 'Maadhyam' is the real friend and path finder for the women in grief.

Once again, I congratulate 'Maadhyam' and their functionaries for rendering such noble service for last 9 years and hope to continue such professional and selfless service for the women in need in future.

**Ashok Kumar Nayak**



**Subhashree Panda**
IIC Mahila PS
Bhubaneswar UPD

I am pleased to know that 'Maadhyam' Women Support Centre has completed nine years of service in Police-Commissionerate, Bhubaneswar-Cuttack. Now a days due to extreme use of social media, communication within family is badly affected leading to misunderstandings and matrimonial disputes. But Maadhyam, Women Support Centre played a pivotal role in resolving these aggravated matrimonial disputes through emotional / psychological counseling and guidance.

I extend my heartiest congratulations to Maadhyam and looking forward that they will continue their journey in bringing peace in the family and rehabilitation of the destitute women of the society.

**Subhashree Panda**



**Pradeep Kumar Jena**
IIC, Cantonment P.S.
Cuttack UPD

I am extremely delighted for the reason that Maadhyam the women support center is functioning with Commissionerate of police and institute for social development. It's a matter of pleasure that Maadhyam is going to complete 9 years. Maadhyam is playing an important role to resolved many Domestic violence cases. Once again I congratulate Maadhyam and all the staffs for complications of successful 9 years.

**Pradeep Kumar Jena**

MAADHYAM
(WOMEN SUPPORT CENTER)

# 9 YEARS JOURNEY

## YEARWISE CASES COMING TO THE CENTER

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 127 | 105 | 232 |
| 2015 | 301 | 263 | 564 |
| 2016 | 274 | 314 | 588 |
| 2017 | 334 | 347 | 681 |
| 2018 | 339 | 329 | 668 |
| 2019 | 265 | 259 | 524 |
| 2020 | 266 | 255 | 521 |
| 2021 | 164 | 161 | 325 |
| 2022 | 258 | 260 | 518 |
| 2023 (Aug.) | 260 | 255 | 515 |
| **TOTAL** | **2588** | **2548** | **5136** |




## CASE REGISTRATION FOR COUNSELING

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 80 | 80 | 160 |
| 2015 | 183 | 206 | 389 |
| 2016 | 157 | 251 | 408 |
| 2017 | 201 | 293 | 494 |
| 2018 | 260 | 278 | 538 |
| 2019 | 244 | 229 | 473 |
| 2020 | 201 | 200 | 401 |
| 2021 | 122 | 129 | 251 |
| 2022 | 213 | 213 | 426 |
| 2023 (Aug.) | 222 | 212 | 434 |
| **TOTAL** | **1883** | **2091** | **3974** |




## CASE RECONCILIATION STATUS

| Year | Bhubaneswar | Cuttack | Total |
|---|---|---|---|
| 2014 (Sept.) | 31 | 48 | 79 |
| 2015 | 96 | 135 | 231 |
| 2016 | 84 | 167 | 251 |
| 2017 | 152 | 202 | 354 |
| 2018 | 165 | 182 | 347 |
| 2019 | 140 | 131 | 271 |
| 2020 | 91 | 130 | 221 |
| 2021 | 71 | 87 | 158 |
| 2022 | 115 | 155 | 270 |
| 2023 (Aug.) | 160 | 152 | 312 |
| **TOTAL** | **1105** | **1389** | **2494** |



# CASE REGISTRATION AND RECONCILIATION STATUS MAADHYAM, BHUBANESWAR

**Location : DCP Office, Vani Vihar Square**

## Cases Status

| Year | Application Received | Cases Registered for Counseling |
|---|---|---|
| 2014 (Sept) | 127 | 80 |
| 2015 | 301 | 183 |
| 2016 | 274 | 157 |
| 2017 | 334 | 201 |
| 2018 | 339 | 260 |
| 2019 | 265 | 244 |
| 2020 | 266 | 201 |
| 2021 | 164 | 122 |
| 2022 | 258 | 213 |
| 2023 (Aug) | 260 | 222 |
| **TOTAL** | **2588** | **1883** |

## Reconciliation status

| Year | Cases Registered for Counseling | Reconciliation |
|---|---|---|
| 2014 (Sept) | 80 | 31 |
| 2015 | 183 | 96 |
| 2016 | 157 | 84 |
| 2017 | 201 | 152 |
| 2018 | 260 | 165 |
| 2019 | 244 | 140 |
| 2020 | 201 | 91 |
| 2021 | 122 | 71 |
| 2022 | 213 | 115 |
| 2023 (Aug) | 222 | 160 |
| **TOTAL** | **1883** | **1105** |

## Different Type of Cases Registered in the Center

| Type of cases | Year | | | | | | | | | | Total |
|---|---|---|---|---|---|---|---|---|---|---|---|
| | 2014 (Sept.) | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023(Aug.) | |
| Domestic Violence | 56 | 161 | 144 | 190 | 248 | 228 | 190 | 112 | 196 | 196 | **1721** |
| False Promise of Marriage | 11 | 10 | 08 | 10 | 12 | 16 | 11 | 09 | 06 | 13 | **106** |
| Sexual Harassment at workplace | 01 | - | 01 | - | - | - | - | - | - | - | **02** |
| Molestation / Eve Teasing / Stalking / Sexual Assault | 05 | 12 | 04 | 01 | - | - | - | - | - | 01 | **23** |
| Cyber Crime & Trafficking | 07 | - | - | - | - | - | - | 01 | 04 | - | **12** |
| Missing Kidnapping | - | - | - | - | - | - | - | - | 04 | 02 | **06** |
| Any Other | - | - | - | - | - | - | - | - | 03 | 10 | **13** |

## Alternative Support Services Provided to the Survivors

| Services | 2014 (Sept.) | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023(Aug.) | Total |
|---|---|---|---|---|---|---|---|---|---|---|---|
| Shelter Home | - | 05 | 13 | 03 | 06 | 04 | - | 01 | 03 | - | **35** |
| Medical Support | - | 01 | 07 | 09 | 13 | 14 | 21 | 17 | 30 | 27 | **139** |
| Legal Support | 08 | 17 | 17 | 13 | 32 | 10 | 14 | 10 | 14 | 17 | **152** |
| CWC | - | - | - | - | - | - | - | - | 06 | 03 | **09** |
| DIR Filling | - | 01 | 08 | 13 | 07 | 06 | 03 | 05 | 02 | 05 | **50** |
| Livelihood Linkages | - | 01 | 02 | 02 | 04 | 02 | 01 | - | 02 | 05 | **19** |

# CASE REGISTRATION AND RECONCILIATION STATUS MAADHYAM, CUTTACK

**Location : Mahila Police Station, Buxi Bazar**

## Cases Status

| Year | Application Received | Cases Registered for Counseling |
|---|---|---|
| 2014 (Sept) | 105 | 80 |
| 2015 | 263 | 206 |
| 2016 | 314 | 251 |
| 2017 | 347 | 293 |
| 2018 | 329 | 278 |
| 2019 | 259 | 229 |
| 2020 | 255 | 200 |
| 2021 | 161 | 129 |
| 2022 | 260 | 213 |
| 2023(Aug) | 255 | 212 |
| **TOTAL** | **2548** | **2091** |

## Reconciliation status

| Year | Cases Registered for Counseling | Reconciliation |
|---|---|---|
| 2014 (Sept) | 80 | 48 |
| 2015 | 206 | 135 |
| 2016 | 251 | 167 |
| 2017 | 293 | 202 |
| 2018 | 278 | 182 |
| 2019 | 229 | 131 |
| 2020 | 200 | 130 |
| 2021 | 129 | 87 |
| 2022 | 213 | 155 |
| 2023(Aug) | 212 | 152 |
| **TOTAL** | **2091** | **1389** |

## Different Type of Cases Registered in the Center

| Type of cases | Year | | | | | | | | | | Total |
|---|---|---|---|---|---|---|---|---|---|---|---|
| | 2014 (Sept) | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023(Aug.) | |
| Domestic Violence | 69 | 180 | 229 | 268 | 274 | 229 | 191 | 126 | 206 | 200 | **1972** |
| False Promise of Marriage | - | 02 | 03 | 07 | 03 | - | 07 | 03 | 07 | 09 | **41** |
| Adultery | 06 | 11 | 17 | 12 | 01 | - | - | - | - | - | **47** |
| Molestation / Eve Teasing / Stalking / Sexual Assault | 05 | 12 | 02 | 06 | - | - | 02 | - | - | 02 | **29** |
| Cyber Crime & Trafficking | - | 01 | - | - | - | - | - | - | - | 01 | **02** |

## Alternative Support Services Provided to the Survivors

| Services | 2014 (Sept) | 2015 | 2016 | 2017 | 2018 | 2019 | 2020 | 2021 | 2022 | 2023(Aug.) | Total |
|---|---|---|---|---|---|---|---|---|---|---|---|
| Shelter Home | - | - | 02 | 01 | 01 | 01 | - | - | - | - | **05** |
| Free Medical Support | - | - | - | 02 | 01 | 11 | 03 | - | - | - | **17** |
| Free Legal Aid Support | 05 | 04 | 13 | 15 | 31 | 14 | 20 | 09 | 04 | 02 | **117** |
| DIR Filling | 04 | 03 | 05 | 03 | 02 | 01 | 02 | 01 | 02 | 02 | **25** |
| Livelihood Linkages | 01 | 02 | 02 | 02 | 01 | 02 | 01 | - | - | - | **11** |

## ୨୦୧୪ ମସିହାରୁ ଏପର୍ଯ୍ୟନ୍ତ ବିଭିନ୍ନ ଥାନା ମାଧମରେ ଆସିଥିବା କେସ୍ ସଂଖ୍ୟା

### ଭୁବନେଶ୍ୱର

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ଇନଫୋସିଟି | ୧୬ |
| ୦୨ | ଚନ୍ଦ୍ରଶେଖରପୁର | ୧୧ |
| ୦୩ | ନନ୍ଦନକାନନ | ୦୭ |
| ୦୪ | ନୟାପଲ୍ଲୀ | ୨୪ |
| ୦୫ | ଖଣ୍ଡଗିରି | ୪୬ |
| ୦୬ | ତମାଣ୍ଡୋ | ୦୮ |
| ୦୭ | ଚନ୍ଦକା | ୦୭ |
| ୦୮ | ଜଟଣୀ | ୧୮ |
| ୦୯ | ଶହିଦ ନଗର | ୫୭ |
| ୧୦ | ଖାରବେଳ ନଗର | ୧୪ |
| ୧୧ | ମଞ୍ଚେଶ୍ୱର | ୨୭ |
| ୧୨ | ଲକ୍ଷ୍ମୀସାଗର | ୪୮ |
| ୧୩ | ଧଉଳି | ୧୫ |
| ୧୪ | ଏୟାରଫିଲଡ୍ | ୩୩ |
| ୧୫ | ଶ୍ରୀଲିଙ୍ଗରାଜ | ୩୬ |
| ୧୬ | କ୍ୟାପିଟାଲ | ୧୫ |
| ୧୭ | ବାଲିଅନ୍ତା | ୦୯ |
| ୧୮ | ବାଲିପାଟଣା | ୦୬ |
| ୧୯ | ବରଗଡ | ୧୩ |
| ୨୦ | ମହିଳା ଥାନା | ୪୩୯ |
| ୨୧ | ଏୟାରପୋର୍ଟ | ୦୯ |
| ୨୨ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୨୦୩ |
| ୨୩ | ସି.ପି ଅଭିଯୋଗ ପ୍ରକୋଷ୍ଠ | ୨୩ |
| ୨୪ | ଭରତପୁର | ୦୧ |
| ୨୫ | ପାହାଳ | ୦୧ |
| ୨୬ | ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନା | ୦୧ |
| ୨୭ | ଅନ୍ୟାନ୍ୟ | ୧୬ |
| | **ମୋଟ** | **୧୧୦୩** |

### କଟକ

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ପୁରୀଘାଟ | ୦୪ |
| ୦୨ | ମାଲଗୋଦାମ | ୦୭ |
| ୦୩ | କ୍ୟାଣ୍ଟନ୍‌ମେଣ୍ଟ୍ | - |
| ୦୪ | କଟକ ସଦର | ୦୬ |
| ୦୫ | ମହିଳା ଥାନା | ୧୮୪୪ |
| ୦୬ | ବିଡାନାସୀ | ୦୩ |
| ୦୭ | ଲାଲବାଗ୍ | ୦୩ |
| ୦୮ | ମଧୁପାଟଣା | ୦୩ |
| ୦୯ | କନ୍ଦରପୁର | ୦୪ |
| ୧୦ | ଚୌଦ୍ୱାର | ୦୩ |
| ୧୧ | ଚାଉଳିଆଗଞ୍ଜ | ୦୨ |
| ୧୨ | ମର୍କତ ନଗର | ୦୧ |
| ୧୩ | ବାରଙ୍ଗ | ୦୧ |
| ୧୪ | ମଙ୍ଗଳାବାଗ | ୦୬ |
| ୧୫ | ଦରଘା ବଜାର | ୦୧ |
| ୧୬ | ଜଗତପୁର | ୦୨ |
| ୧୭ | ବାଦାମବାଡ଼ି | ୦୩ |
| ୧୮ | ୪୨ ମୌଜା | ୦୧ |
| ୧୯ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୧୪ |
| ୨୦ | ଅନ୍ୟାନ୍ୟ | ୦୮ |
| | **ମୋଟ** | **୧୯୧୬** |


Counselors felicitated by Commissioner of Police


Received award of appreciation from VC, NLUO


With Dr. Kiran Bedi, Ex-IPS, former Lt. Governor of Puducherry

# ମତାମତ

କିଛି ଭୁଲ୍ ବୁଝାମଣା ପାଇଁ ଆମ ସ୍ୱାମୀସ୍ତ୍ରୀଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା । ଏହି ଫାଟ ଏତେ ଜୋର୍ ଥିଲା ଯେ ଆମେ ସ୍ୱପ୍ନରେ ବି କେବେ ଭାବିନଥିଲୁ ଏହା ପୁଣିଥରେ ଯୋଡ଼ିହୋଇପାରିବ । ଆମେ ବହୁତ ଚେଷ୍ଟା କରିଥିଲୁ ଆମର ସମସ୍ୟାକୁ ନିଜ ଭିତରେ ସମାଧାନ କରିବାକୁ, ହେଲେ ଏହା ସମ୍ଭବ ହୋଇପାରିନଥିଲା । ଦିନକୁ ଦିନ ଆମର ସଂପର୍କ ତିକ୍ତ ହେବାକୁ ଲାଗିଲା । ଏହି ସମୟରେ ମୁଁ 'ମାଧ୍ୟମ' ବିଷୟରେ ଜାଣିବାକୁ ପାଇଲି ଓ ସ୍ଥିର କଲି ସେଠାକୁ ଯାଇ ମୋର ସମସ୍ୟା ବିଷୟରେ କହିବି । ସେଠାକୁ ଯାଇ ମୁଁ ଯେତେବେଳେ ସେଠାକାର ପରାମର୍ଶଦାତ୍ରୀ ରୋଜାଲିନ୍ ମାଡାମ୍‌ଙ୍କୁ ମୋର ସମସ୍ୟା କହିଲି ଓ ଯେଉଁଭଳି ଭାବେ ଧୈର୍ଯ୍ୟର ସହ ମୋ ସମସ୍ୟାକୁ ଶୁଣିଲେ ଓ ମୋତେ ପ୍ରତିଶ୍ରୁତି ଦେଲେ, ମୋତେ ଲାଗିଲା କିଛି ଗୋଟେ ଭଲହେବାକୁ ଯାଉଛି । ସେ ସଙ୍ଗେସଙ୍ଗେ ମୋ ସ୍ୱାମୀଙ୍କୁ ଡକାଇଲେ, ଆମ ଦୁଇଜଣଙ୍କୁ ସେ ବହୁତ ବୁଝାଇଲେ । ଆମକୁ ଏକାଠି କରିବା ପାଇଁ ସେ ଶତପ୍ରତିଶତ ଚେଷ୍ଟା ଜାରିରଖିଲେ । ଯେଉଁଦିନ ଆମ ସମସ୍ୟାର ସମାଧାନ ହେଲା, ଆମେ ପୁଣି ଏକାଠି ହୋଇ ଭଲରେ ଘରସଂସାର କରିବା ପାଇଁ ରାଜିହେଲୁ । ସେଦିନ ମୋ ଅପେକ୍ଷା ରୋଜାଲିନ୍ ମାଡାମ୍ ବହୁତ ଖୁସି ଥିଲେ । ଭଗବାନଙ୍କ ଆଶୀର୍ବାଦରୁ ଏବେ ଆମ ସଂସାରର ଗାଡ଼ି ଠିକ୍ ଚାଲିଛି । ଶେଷରେ ମୁଁ ଏତିକି କହିବି ମୋ ଭଳି ମହିଳାମାନେ ଯେଉଁମାନେ ନିଜ ପାରିବାରିକ ସମ୍ପର୍କକୁ ନେଇ ଦ୍ୱନ୍ଦରେ ଅଛନ୍ତି ଯଥାଶୀଘ୍ର 'ମାଧ୍ୟମ' ଓ ରୋଜାଲିନ୍ ମାଡାମ୍‌ଙ୍କ ସହଯୋଗ ନିଅନ୍ତୁ ।



ଲକ୍ଷ୍ମୀପ୍ରିୟା ଓ ସନାତନଙ୍କ ପରିବାର

I Sasmita Dash wants to share my gratitude for you. I after my marriage suffered a lot in my in laws house. My in laws family harassed me and my parents too. My husband also suffered a lot. We both suffered a lot both mentally and physically. At that time Maadhym help me a lot. My in laws relatives harm me and my parents. For which I have lodge a complaint against them at Cuttack Mahila Thana. IIC madam cooperate me. She called my father in law for counselling. When I went for counselling I mate Ms. Rojalin madam. She is very cordial and cooperative in nature. When I met her for councelling I didn't feel like I was sitting in front of a counsellor. She is so gentle and very professional. She listens to me very patiently. She is very much careing in nature. She resolves the matter smoothly. Though my in laws violating all the terms and conditions. But Maadhyam plays a great role. And Rojalin madam counsell properly. After that also whenever I got tensed I called her she always receive my call and advice me regularly.

Now I am living happily with my husband. All this possible because of Rojalin madam and IIC Mahila Thana.



Sasmita Dash & family

# ମତାମତ



**Seeta Sahoo & family**

You came into our lives as an angel ! We 3 shall be always obliged to you for what help u have done to us. Thank you is a very small word to express our gratitude.

During our struggle period, Anima Ma'am served as the solution for both me and my husband. In the initial days of my arrange marriage, there were a lot of fights and quarrels between me and my husband, and post that too, the situations were the same. I remember, the Inspector incharge of Shaheed Nagar, Mund Sir, referring me and my husband to go and meet Anima Madam for counselling. I didn't believe that there could be any outcome of this counseling as the relation between me and my husband had turned really bitter and we couldn't stand each other for minutes ..

And look , here we are, 5 years down the lane ! Both of us work in IT firms, put up in Bengaluru, daughter is in grade 2 ,with all the love and Support from both of our families. So , I would say it just needs a listening ear , and lots of patience, which Anima Ma'am definitely has. I had been to her in many times and every time ,she asked me to wait to hear me out finishing up her other cases .

She is an excellent counselor and for my daughter,An Angel sent !



ବିଦ୍ୟୁତ୍‌ପ୍ରଭା ବିଶ୍ୱାଳ ଏବଂ ପରିବାର

୭୦ ବର୍ଷ ବୟସରେ ବାରମ୍ବାର କୋର୍ଟକଚେରୀ ଦୌଡ଼ିବା ମୋ ପକ୍ଷେ ସମ୍ଭବ ନଥିଲା । ଘରର ସମସ୍ୟା ନେଇ ଦେହ ଏବଂ ମନ ମୋର ଭାଙ୍ଗି ପଡ଼ିଥିବା ସମୟରେ ଦୀର୍ଘଦିନ ଧରି କୋର୍ଟ କଚେରୀରେ ଘାଣ୍ଟି ହେଉଥିଲି । କୌଣସି ସୁଫଳ ନ ମିଳିବାରୁ ଜଣେ ପୋଲିସ୍ ବନ୍ଧୁଙ୍କଠାରୁ 'ମାଧ୍ୟମ' ବିଷୟରେ ଜାଣିବାକୁ ପାଇଲି । ସେଠାରେ ଯାଇ ମୁଁ ମୋ ସମସ୍ୟା ବିଷୟରେ ଜଣାଇଲି । ମୋର ସମସ୍ତ କଥା ସେଠାରେ କାର୍ଯ୍ୟରତ ଅନିମା ମ୍ୟାଡାମ୍ ଧୈର୍ଯ୍ୟର ସହିତ ଶୁଣିଲେ ଏବଂ ମତେ ଓ ମୋ ସ୍ତ୍ରୀକୁ ଅନେକ ସାନ୍ତ୍ୱନା ଦେଲେ । ତାଙ୍କ୍ ବ୍ୟବହାରରେ ଆମର ଅଧାକଷ୍ଟ ଦୂର ହୋଇଯାଇଥିଲା । ମୋ ପୁଅ ଓ ବୋହୂ ଓ ଆମ ସମସ୍ୟାରେ ଜଡ଼ିତ ସମସ୍ତଙ୍କୁ ଡକାଇ ଆମ ସମସ୍ୟାର ସମାଧାନ କରାଇଲେ । ମୋ ମତରେ ଆମ ଭଳି ବୟସ୍କ ଲୋକମାନଙ୍କ ପାଇଁ ମାଧ୍ୟମ ଏକ ଆଶାର ଆଲୋକ ଭଳି ଆମକୁ ମନେହେଲା । ନା ଗୋଟାଏ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା, ନା ବାରମ୍ବାର ଦୌଡ଼ିବାକୁ ପଡ଼ିଲା । ବୁଢ଼ାବୁଢ଼ୀମାନଙ୍କୁ ଏତେ ଆଦର ଯତ୍ନ ସହିତ ଅନିମା ମ୍ୟାଡାମ୍ ବ୍ୟବହାର କଲେ ଆମେ ଜୀବନରେ ଭୁଲିପାରିବୁ ନାହିଁ । ବୟସ ଅଧିକ ହେବାରୁ ପାଟିରେ କଥା ସ୍ପଷ୍ଟ ନ ହୋଇ ଖନି ବାଜିଯାଉଥାଏ । ତାକୁ ମଧ ଧୈର୍ଯ୍ୟର ସହ ଶୁଣି ମୋର ସମସ୍ୟାର ସମାଧାନ କରି ଆମ ଶେଷ ଜୀବନରେ ଯେଉଁ ଖୁସି ଦେଇଛନ୍ତି ତାହା ଆମ ପରିବାର କେବେ ଭୁଲି ପାରିବୁ ନାହିଁ । ମାଧ୍ୟମର ସମସ୍ତ କର୍ମଚାରୀଙ୍କୁ ମୋର ଅନେକ ଅନେକ ଧନ୍ୟବାଦ ।

# ସଫଳ କାହାଣୀ

**(ନିମ୍ନରେ କେତେକ ପିଡୀତା ମହିଳାଙ୍କ ସଫଳ କାହାଣୀ ଦିଆଯାଇଛି । ସେମାନଙ୍କର ପ୍ରକୃତ ନାମ ଓ ଠିକଣା ବ୍ୟବହାର କରିବା ପରିବର୍ତ୍ତେ ଛଦ୍ମନାମ ବ୍ୟବହାର କରାଯାଇଛି ।)**

## ପରକୀୟା ପ୍ରୀତି ସୃଷ୍ଟିକଲା ସଂପର୍କରେ ଫାଟ

କଲେଜରେ ପଢୁଥିବା ସମୟରେ ରଶ୍ମି ଭଲପାଇ ଚିତ୍ତରଞ୍ଜନଙ୍କୁ ବିବାହ କରିଥିଲେ । ଚିତ୍ତରଞ୍ଜନ ଏକ ଘରୋଇ କମ୍ପାନୀରେ କାମ କରନ୍ତି । ବିବାହ ପରେ ଉଭୟେ ବହୁତ ହସଖୁସିରେ ଦିନ କାଟୁଥିଲେ । ରଶ୍ମିଙ୍କ ଔରସରୁ ସୁନ୍ଦର ଝିଅଟିଏ ଜନ୍ମହେଲା । ବିବାହର ୮ ବର୍ଷ ପରେ ଚିତ୍ତରଞ୍ଜନ ଛୋଟଛୋଟ କଥାରେ ରାଗିବାକୁ ଲାଗିଲେ । ଝିଅର କୌଣସି ଦାୟିତ୍ୱ ନେଲେନାହିଁ । ଅଧାସମୟ ବାହାରେ କାମ ଅଛି କହି ବାହାରରେ ରହୁଥିଲେ । ଘରେ ରହିଲେ ସବୁବେଳେ ନିଜକୁ ଫୋନ୍‌ରେ ବ୍ୟସ୍ତ ରଖୁଥିଲେ । ଏହିସବୁ କଥା ଦେଖି ରଶ୍ମୀର ମନରେ ସନ୍ଦେହ ବଢ଼ିଲା । ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିରହିଲା । ଚିତ୍ତରଞ୍ଜନ ଅନେକ ଥର ରଶ୍ମିଙ୍କୁ ବାଡ଼ିଆବାଡ଼ି କରେ । ରଶ୍ମି ଘର ଛାଡ଼ି ନିଜ ବାପାମାଆଙ୍କ ପାଖରେ ରହିଲେ । ବାପା, ମାଆଙ୍କ ସହଯୋଗରେ ରଶ୍ମି 'ମାଧ୍ୟମ'ରେ ଆସି ନିଜର ସମସ୍ୟା ବିଷୟରେ ଜଣାଇଲେ । ରଶ୍ମିଙ୍କ ଠାରୁ ସମସ୍ତ ସମସ୍ୟା ଶୁଣିସାରିଲା ପରେ ଚିତ୍ତରଞ୍ଜନ ଏବଂ ପରିବାରବର୍ଗଙ୍କୁ ଡକାଯାଇ ଉଭୟ ପକ୍ଷଙ୍କ ମଧ୍ୟରେ ସମସ୍ୟା ବିଷୟରେ ଆଲୋଚନା କରାଗଲା । ଆଲୋଚନାରୁ ଜଣାପଡ଼ିଲା ଚିତ୍ତରଞ୍ଜନ ଅନ୍ୟ ଏକ ମହିଳାଙ୍କ ସହିତ ଅନ୍ତରଙ୍ଗ ହେବା ଯୋଗୁଁ ସ୍ୱାମୀ, ସ୍ତ୍ରୀ ମଧ୍ୟରେ ଦୂରତା ବଢ଼ିଚାଲିଥିଲା । ଚିତ୍ତରଞ୍ଜନଙ୍କୁ ଏସବୁଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେବା ସଙ୍ଗେସଙ୍ଗେ ସ୍ତ୍ରୀ ଏବଂ ପିଲାର ସମସ୍ତ ଦାୟିତ୍ୱ ବହନ କରିବାଲାଗି କୁହାଗଲା ପରେ ଗୃହ ପରିଦର୍ଶନ କରି ଶୁଣିବାକୁ ପାଇଲେ ଉଭୟ ଖୁସିରେ ନିଜ ପରିବାର ସହିତ ଅଛନ୍ତି । ଚିତ୍ତରଞ୍ଜନ ଫୋନ୍‌ରେ ବ୍ୟସ୍ତ ନ ରହି ପରିବାର ସମସ୍ତ ଦାୟିତ୍ୱ ନେଉଛନ୍ତି ।

## ବାର୍ଦ୍ଧକ୍ୟ ହୋଇଛି ବଇରୀ

ଛୋଟ ସମୟରେ କୁନି କୁନି ହାତଧରି ଚାଲି ଶିଖାଇଥିବା ବାପା, ମାଆ ମୁଠାଏ ଖାଇବା ପାଇଁ ବାରମ୍ବାର ହେଉଛନ୍ତି ! ବିଶ୍ୱନାଥ ପାରାଦ୍ୱୀପ ପୋର୍ଟରେ ଚାକିରୀ କରୁଥିବା ସମୟରେ ଦୁଇ ପୁଅଙ୍କୁ ଇଂରାଜୀ ମିଡିୟମ ସ୍କୁଲ୍‌ରେ ପାଠପଢ଼ାଇ ବଡ଼ ମଣିଷ କରିବା ସ୍ୱପ୍ନ ଦେଖିଥିଲେ । ଚାକିରୀରୁ ଅବସରନେଲା ପରେ ଭୁବନେଶ୍ୱରରେ ଭରତପୁରଠାରେ ଘର କରି ପୁଅବୋହୂଙ୍କ ସହିତ ଖୁସିରେ ରହିବାର ସ୍ୱପ୍ନ ଦେଖିଥିଲେ । ବିଶ୍ୱନାଥଙ୍କ ବଡ଼ପୁଅ ବୋହୂ ବାହାରେ ରୁହନ୍ତି । ସାନପୁଅ ଏବଂ ବୋହୂ ବିଶ୍ୱନାଥ ଏବଂ ମମତାଙ୍କ ପାଖରେ ରହନ୍ତି । ବିଶ୍ୱନାଥ ଅବସର ପରେ ପାଇଥିବା ଟଙ୍କାରେ ଘରର ସମସ୍ତ ଦାୟିତ୍ୱ ବହନ କରନ୍ତି । ସାନପୁଅ ବୋହୂ କିଛି ଖର୍ଚ୍ଚ ବହନକରନ୍ତି ନାହିଁ । ବିଶ୍ୱନାଥ ଏବଂ ତାଙ୍କ ସ୍ତ୍ରୀଙ୍କ ବୟସ ଅଧିକ ହୋଇଥିବାରୁ ଘରର କାମ ଠିକ୍ ଭାବରେ କରି ନ ପାରିବାରୁ ସାନପୁଅ ଏବଂ ବୋହୂ ବାରମ୍ବାର ଗାଳିଗୁଲଜ କରନ୍ତି । ବାପାମାଆଙ୍କୁ ଖାଇବାକୁ ଦିଅନ୍ତି ନାହିଁ । ଗୋଟିଏ ଦିନ ପୁଅ ବାପାମାଆଙ୍କୁ ଜୋରଜବରଦସ୍ତ କରି ଘରର କାଗଜପତ୍ର ଏବଂ ବ୍ୟାଙ୍କ ପାସବୁକ୍‌ରେ ଦସ୍ତଖତ କରାଇବାକୁ ବାଧ୍ୟକଲେ । ବାପା ମାଆ ନକରିବାରୁ ମାଡ଼ମାରି ଘରୁ ବାହାର କରିଦେଲେ । ମମତା ଏବଂ ବିଶ୍ୱନାଥ ଉଭୟ ଆସି 'ମାଧ୍ୟମ'ରେ ତାଙ୍କର ଅଭିଯୋଗ ଜଣାଇଲା ପରେ ପୁଅବୋହୂଙ୍କୁ ଡକାଯାଇ ସମସ୍ୟାର ସମାଧନା ପାଇଁ ରାସ୍ତା ବାହାର କରାଗଲା । ପୁଅବୋହୂ ଅନ୍ୟତ୍ର ଘରଭଡ଼ା ନେଇ ରହିବେ । ବାପା ମାଆଙ୍କ ଉପରେ କୌଣସି ଜୁଲମ କରି ପାରିବେ ନାହିଁ । ବାପା ମାଆଙ୍କର  ଟଙ୍କା ଉପରେ ଯୋର ଜବରଦସ୍ତ କରିପାରିବେ ନାହିଁ । ବିଶ୍ୱନାଥ ଏବଂ ମମତା ଚାହୁଁଥିଲେ ପୁଅ ବୋହୂ ସେହି ଘରୁ ବାହାରି ଯାନ୍ତୁ । ସେମାନେ ଶେଷ ଜୀବନ ଏକୁଟିଆ ଶାନ୍ତିରେ କାଳାତିପାତ କରିବେ । ତାଙ୍କର ସମସ୍ତ ଇଚ୍ଛା ପୂର୍ଣ୍ଣ ହେଉଥିବାରୁ ସେ 'ମାଧ୍ୟମ'କୁ ଅନେକ ଅନେକ ଧନ୍ୟବାଦ ଦେଲେ ।

# ସଫଳ କାହାଣୀ

**(ନିମ୍ନରେ କେତେକ ପିଡୀତା ମହିଳାଙ୍କ ସଫଳ କାହାଣୀ ଦିଆଯାଇଛି। ସେମାନଙ୍କର ପ୍ରକୃତ ନାମ ଓ ଠିକଣା ବ୍ୟବହାର କରିବା ପରିବର୍ତ୍ତେ ଛଦ୍ମନାମ ବ୍ୟବହାର କରାଯାଇଛି।)**

## ସଂପର୍କର ଉଷ୍ମତା କେବେ କମିଯାଏ ଜଣାପଡ଼େନା

ଭଲପାଇ ବିବାହ କରିଥିଲେ ଶ୍ରଦ୍ଧା ଓ ସତ୍ୟ। ସେ ତାଙ୍କର ଦୁଇଟି ପୁଅ ଓ ବାପା, ମା'ଙ୍କ ସହ ଖୁସିରେ କଟକରେ ରହୁଥିଲେ। ଶ୍ରଦ୍ଧା ଜଣେ ଗୃହିଣୀ ଓ ସତ୍ୟ ଜଣେ ଫିଜିଓଥେରାପି ଡାକ୍ତର। ସବୁ ଠିକ୍‌ଠାକ୍ ସବୁଦିନ ପରି ଚାଲିଥାଏ। କିନ୍ତୁ ହଠାତ୍ ସତ୍ୟଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖାଦେଲା। ଶ୍ରଦ୍ଧାଙ୍କ ସହ କଥା ବାର୍ତ୍ତା ଅତି ରୁକ୍ଷ ହେବାକୁ ଲାଗିଲା। ପ୍ରଥମେ ଶ୍ରଦ୍ଧା ଭାବିଲେ ବୋଧହୁଏ କାମ ପାଇଁ ହେଉଥିବ କିନ୍ତୁ କିଛିଦିନ ପରେ ଶ୍ରଦ୍ଧା ବିଭିନ୍ନ ସୂତ୍ରରୁ ଜାଣିବାକୁ ପାଇଲେ ତାଙ୍କ ସ୍ୱାମୀଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସଂପର୍କ ଗଢ଼ିଉଠିଛି। ଧୀରେ ଧୀରେ ସତ୍ୟ ଘରର କିଛି ଦାୟିତ୍ୱ ନେଲେନାହିଁ। ଧୀରେ ଧୀରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ପାଟିତୁଣ୍ଡ ଓ ଝଗଡ଼ା ଆରମ୍ଭ ହେବାରେ ଲାଗିଲା। ଶ୍ରଦ୍ଧା ଏକଥା ନିଜ ଶଶୁର ଓ ଶାଶୁଙ୍କ ଆଗେ ଜଣାଇଲେ। ଶାଶୁ ଓ ଶ୍ୱଶୁର ପୁଅକୁ ପଚାରିବାରୁ ଘରେ ବହୁତ ଅଶାନ୍ତି ଓ ଝଗଡ଼ା ସୃଷ୍ଟି ହେବାକୁ ଲାଗିଲା।

ଏସବୁ ଦେଖି ଶ୍ରଦ୍ଧା ରାଗି ନିଜ ପିଲାମାନଙ୍କୁ ଧରି ନିଜ ବାପଘରକୁ ଚାଲିଆସିଲେ ଏବଂ ସେଠାରୁ ସେ ପ୍ରଥମେ ମହିଳାଥାନା ଓ ପରେ 'ମାଧ୍ୟମ'କୁ ଆସିଲେ। ସେ ତାଙ୍କ ସ୍ୱାମୀଙ୍କୁ ଠିକ୍ ରାସ୍ତାରେ ଆଣିବାକୁ ଚାହୁଁଥିଲେ ଓ ତାଙ୍କ ବିବାହକୁ ଆଉ ଗୋଟେ ସୁଯୋଗ ଦେବାକୁ ଚାହୁଁଥିଲେ 'ମାଧ୍ୟମ' ଦ୍ୱାରା। ପ୍ରଥମେ ସ୍ୱାମୀ ଓ ସ୍ତ୍ରୀଙ୍କୁ ଡାକି ବୁଝାହେଲା। ଥରେ ନୁହେଁ, ଦୁଇ ତିନିଥର କାଉନସେଲିଂ କରାଗଲା। ପରେ ଦୁଇପରିବାରବର୍ଗଙ୍କୁ ଡକାଯାଇ ବୁଝାଗଲା। ଶେଷରେ ବହୁ ପରାମର୍ଶ ପରେ ଦୁହେଁ ନିଜର ଛୁଆଙ୍କ ଭବିଷ୍ୟତ ପାଇଁ ସତ୍ୟ ବାଟକୁ ଆସିଲେ ଏବଂ ସତ୍ୟ ଓ ଶ୍ରଦ୍ଧା ଦୁହେଁ ଏକାଠି ହେଲେ। ଏବେ ଦୁହେଁ ଖୁସିରେ ଅଛନ୍ତି।

## ନିଶା ଭାଙ୍ଗିଦେଲା ସୁନା ସଂସାର

ସୁମତି ଓ ରାକେଶ ଦୁଇଜଣ କଟକ ମୁନିସିପାଲିଟିରେ ଅସ୍ଥାୟୀ କର୍ମଚାରୀଭାବେ କାମ କରନ୍ତି। ଦୁଇଜଣ ପ୍ରେମ ବିବାହ କରିଥିଲେ ଏବଂ ତାଙ୍କର ଏକ ତିନି ବର୍ଷର ଝିଅଟିଏ ଅଛି। ସୁଖରେ ସଂସାର ଚାଲୁଥାଏ କିନ୍ତୁ ହଠାତ୍ ତାଙ୍କ ସଂସାରକୁ କଳା ବାଦଲ ଘୋଡ଼ାଇ ଆସିଲା। ରାକେଶ କୁସଙ୍ଗରେ ପଡ଼ି ଜୁଆ ଓ ନିଶା କରିବାକୁ ଲାଗିଲେ। ଯେବେ ସୁମତି ତାଙ୍କର ସ୍ୱାମୀର ଏସବକୁ ବିରୋଧ କରିବାକୁ ଲାଗିଲେ ସେବେ ରାକେଶ ତାଙ୍କୁ ମାରଧର କରିବା ଆରମ୍ଭ କରିଦେଲେ। ଏବେ ସବୁଦିନ ରାକେଶ ନିଶା ଓ ଜୁଆରେ ପଇସା ଲଗାଇଲେ। ଧୀରେ ଧୀରେ ଅଭାବ ବଢ଼ିବାକୁ ଲାଗିଲା। ଦିନେ ସୁମତି କାମରେ ଥିବା ସମୟରେ ରାକେଶ ତାଙ୍କର ଗହଣା ନେଇ ବନ୍ଧା ପକାଇ ଦେଲେ। ଏକଥା ସୁମତି ଜାଣିବା ପରେ ଦୁହିଁଙ୍କ ଭିତରେ ପାଟିତୁଣ୍ଡ ହେବାକୁ ଲାଗିଲା। ରାଗରେ ରାକେଶ ଜୋରରେ ସୁମତିଙ୍କ ମୁଣ୍ଡକୁ ପିଟିଦେଲେ। ସୁମତିଙ୍କ ମୁଣ୍ଡରେ ଆଘାତ ଲାଗିଲା ଓ ତା'ପରେ ସେ 'ମାଧ୍ୟମ'ର ସାହାଯ୍ୟ ପାଇଁ ଆସିଲେ। ଏହା ଶୁଣିବା ପରେ ରାକେଶଙ୍କୁ 'ମାଧ୍ୟମ'କୁ କାଉସେଲିଂ ପାଇଁ ଡକାଗଲା। ରାକେଶ ଉପସ୍ଥିତ ଥିଲେ। ବହୁତ ସମୟ ଓ ଦୁଇ, ତିନି ଥର କାଉସେଲିଂ ହେଲାପରେ ନିଶା ଛାଡ଼ିବା ଓ ଜୁଆ ଖେଳିବା ଆଦି ଖରାପ ଜିନିଷରୁ ନିଜକୁ ନିବୃତ ରଖିବେ ବୋଲି ପ୍ରତିଶ୍ରୁତି ଦେଲେ ଏବଂ ନିଜ ସ୍ତ୍ରୀକୁ ମାରଧର କରିବେନି ଓ ନିଜ ଛୁଆ ଓ ସ୍ତ୍ରୀର ସମସ୍ତ ଦାୟିତ୍ୱ ନେବେବୋଲି ପ୍ରତିଶ୍ରୁତି ଦେଲେ ଏବଂ ମାସକ ପରେ ରାକେଶଙ୍କର ଧୀରେ ଧୀରେ ପରିବର୍ତ୍ତନ ହେଲା। ଏଥିପାଇଁ ସୁମତି 'ମାଧ୍ୟମ'କୁ ଧନ୍ୟବାଦସହ କୃତଜ୍ଞତା ଦେଇଥିଲେ।

# ଏ ବର୍ଷର ସମ୍ବାଦପତ୍ରରେ 'ମାଧ୍ୟମ'



## ପବ୍‌ଜୀ ଗେମ୍ ପାଇଁ ଭାଙ୍ଗିଗଲା ସୁନାର ସଂସାର

## 'ମାଧ୍ୟମ'କୁ ପୂରିଲା ଆଠ ବର୍ଷ

## Madhyam Family Counselling Centre completes 8 y

POST NEWS NETWORK

**Bhubaneswar, Sept 20:** The Madhyam Family Counselling Centre located on the premises of the DCP office here and Mahila police station in Cuttack has registered 3,540 cases during the last eight years.

As many as 4,621 women with their grievances over family related issues approached the centre during the last eight years.

This came to the fore through a by twin city Commissioner of Police Saumendra Priyadarshi during a programme at the Police Bhawan here Tuesday. The report contains detailed information about the achievements of women support centres in the twin city.

While releasing the news letter, Priyadarshi said Madhyam has succeeded in providing appropriate justice to the women victims of the twin city during the last eight years. He also claimed that various women related cases are being ... d amicably through Madhyam.

The programme was al tended by additiona Umashankar Das, DCPs of C and Bhubaneswar and othe cials of twin city police.

Madhyam managed to a bly solve 2,182 cases out of th cases through counseling aggrieved couples. It was re that in 3,297 cases the victin fered domestic violence. As as 125 women registered against the in-laws for mar through fraudulent means.

## ମାସକରେ ୧୪ ପରିବାରରେ ଫେରିଛି ସୁ

## ସାତଜନ୍ମର ସାଥୀ ହେଲେ ପ୍ରେମୀଯୁଗଳ

## ଅସହାୟ ମହଳାଙ୍କ ସାହାରା 'ମାଧ୍ୟମ'

## ୯ ବର୍ଷରେ ପାଦ ଥାପିଲା 'ମାଧ୍ୟମ'

## ୩୫୪୦ ମାମଲାରୁ ୨୧୮୨ ସମାଧାନ

## ୮ ବର୍ଷରେ ୪୬୨୧ ଅଭିଯୋଗ

## 'ମାଧ୍ୟମ' ଯୋଡ଼ିଲା ସାତଜନ୍ମର ସମ୍ପର୍କ

## Police-Public Interface Programme in Jurisdiction of Commissionerate of Police













# Glance




Release of Maadhyam 8th Year Report







**HOME VISIT**












## For more information contact


**Maadhyam**

**BHUBANESWAR**
Office of the Deputy Commissioner of Police
Vani Vihar Square, Bhubaneswar
Ph: 0674-2602125, 8249309802 (M)
E-mail:maadhyambbsr@isdbbsr.org

**CUTTACK**
Mahila Police Station
Buxibazar, Cuttack
Ph: 9337371971
E-mail:maadhyamctc@isdbbsr.org

*Institute for Social Development*
Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org
Web: www.isdbbsr.org

**Visit us : www.maadhyamwsc.com**